# NATIONAL NEWS BULLETIN (ODIA)

## 17 December - 2024

## Evening Bulletin : 7.15 p.m.

*************************************

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ସୁଲଭ ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ଭାବେ ଭାରତ କ୍ରମଶଃ ଉଭା ହେଉଛି ବୋଲି କହିଲେ ରାଷ୍ଟ୍ରପତି ।

– ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାକୁ ଆଜିଠାରୁ ପାଞ୍ଚ ଦିନିଆ ଗସ୍ତରେ ଯାଇଛନ୍ତି ରାଷ୍ଟ୍ରପତି ।

- ଲୋକସଭାରେ ଏକ ଦେଶ, ଏକ ନିର୍ବାଚନ ସମ୍ବନ୍ଧିୟ ଦୁଇଟି ବିଲ୍ ଆଗତ ନେଇ ଭୋଟିଂରେ ୨୬୯ ଜଣ ସଦସ୍ୟଙ୍କ ସମର୍ଥନ ।

- ରାଜସ୍ଥାନର ଜୟପୁର ଠାରେ ୪୬ ହଜାର ୩୦୦ କୋଟିରୁ ଅଧିକ ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ମଧ୍ୟବର୍ତ୍ତିକାଳୀନ ସରକାର ବ୍ୟବସ୍ଥାକୁ କାୟମ ରଖିଲେ ବାଂଲାଦେଶର ସର୍ବୋଚ୍ଚ କୋର୍ଟ୍ ।

ଏବଂ

- ଗାବା ଟେଷ୍ଟରେ ଫଲୋଅନ୍ ଏଡ଼ାଇଲା ଭାରତ ।

– ଆଜି ଖେଳ ଶେଷ ସୁଦ୍ଧା ୯ ଓ୍ୱିକେଟ୍‌ରେ ସଂଗ୍ରହ କରିଛି ୨୫୨ରନ୍ ।

## ପ୍ରେସିଡେଣ୍ଟ-ଏମସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ବିଶ୍ୱରେ ସୁଲଭ ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ଭାବେ ଭାରତ କ୍ରମଶଃ ଉଭା ହେଉଛି । ଏ ଦିଗରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ ସେବା କର୍ମୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଆନ୍ଧ୍ରପ୍ରଦେଶର ମଙ୍ଗଳାଗିରି ଏମସ୍‌ର ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ସେବା, ନିରନ୍ତର ଶିକ୍ଷା ଏବଂ ଗବେଷଣା ଉପରେ ଧ୍ୟାନ କେନ୍ଦ୍ରିଭୂତ କରିବାକୁ ଡାକ୍ତରଙ୍କୁ ପରାମର୍ଶ ଦେଇଛନ୍ତି । ସାମଗ୍ରୀକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ଦେବା ସହ ମଙ୍ଗଳାଗିରି ଏମସ୍‌ର 'ସକଳ ସ୍ୱାସ୍ଥ୍ୟ ସର୍ବଦା' ନୀତିକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଏସ୍. ଅବଦୁଲ୍ ନଜିର୍, ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବଙ୍କ ସମେତ ଆନ୍ଧ୍ରପ୍ରଦେଶ ମନ୍ତ୍ରିମଣ୍ଡଳର ସଦସ୍ୟ ଯୋଗଦେଇଥିଲେ ।

ସୂଚନା ଯୋଗ୍ୟ ରାଷ୍ଟ୍ରପତି ମୁର୍ମୁ ଆଜିଠାରୁ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାକୁ ୫ ଦିନିଆ ଗସ୍ତରେ ଯାଇଛନ୍ତି ।

## ୱାନ୍ ନେସନ୍ ୱାନ୍ ଇଲେକ୍ସନ୍

ଲୋକସଭାରେ ଆଜି ଏକ ଦେଶ, ଏକ ନିର୍ବାଚନ ସମ୍ବନ୍ଧିୟ ଦୁଇଟି ବିଲ୍ ଆଗତ ହୋଇଛି । ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ସମ୍ବିଧାନ ୧୨୯ତମ ସଂଶୋଧନ ବିଲ୍ ୨୦୨୪ ଏବଂ କେନ୍ଦ୍ର ଶାସିତ ଆଞ୍ଚଳ ଆଇନ୍ ସଂଶୋଧନ ବିଲ୍ ୨୦୨୪ ଗୃହରେ ଆଗତ କରିବାକୁ ପ୍ରସ୍ତାବ ଦେଇଥିଲେ । ବିରୋଧୀଗୁଡ଼ିକ ଦଳ ପକ୍ଷରୁ ବିଲ୍ ଆଗତ ପାଇଁ ଭୋଟ୍ ପ୍ରଦାନ ଉପରେ ଦାବି କରାଯାଇଥିଲା । ଏଥିପାଇଁ ନିଆଯାଇଥିବା ଭୋଟ୍‌ରେ ବିଲ୍ ଆଗତ ସପକ୍ଷରେ ୨୬୯ ଏବଂ ବିପକ୍ଷରେ ୧୯୮ ଜଣ ସଦସ୍ୟ ଭୋଟ୍ ଦେଇଥିଲେ ।

ବିଲ୍ ସମ୍ପର୍କିତ ଆଲୋଚନାରେ କଂଗ୍ରେସ, ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ଡି.ଏମ୍.କେ., ଶିବସେନା ୟୁ.ବି.ଟି., ସି.ପି.ଆଇ.ଏମ୍. ସମେତ ଅନ୍ୟ ବିରୋଧୀ ଦଳ ଏହି ପ୍ରସ୍ତାବ ସମ୍ବିଧାନର ମୌଳିକଢାଞ୍ଚାର ପରିପନ୍ଥୀ ବୋଲି ଅଭିଯୋଗ କରିଥିଲେ । ବିଲ୍‌ଗୁଡ଼ିକୁ ଅଧିକ ଯାଞ୍ଚ୍ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ପାଇଁ ସେମାନେ

ଦାବି କରିଥିଲେ । ଏହି ଅଭିଯୋଗକୁ ଖଣ୍ଡନ କରି ଆଇନ୍ ମନ୍ତ୍ରୀ ଶ୍ରୀ ମେଘୱାଲ୍ କହିଥିଲେ, ସମ୍ବିଧାନର ସଂଘୀୟ ଢାଞ୍ଚାକୁ କେହି ବଦଳାଇ ଦେଇପାରିବେ ନାହିଁ । ଏକ ଦେଶ, ଏକ ନିର୍ବାଚନ ପ୍ରସଙ୍ଗକୁ ନେଇ ଗଠିତ ରାମନାଥ କୋବିନ୍ଦଙ୍କ ନେତୃତ୍ୱାଧୀନ ଉଚ୍ଚସ୍ତରୀୟ କମିଟିର କାର୍ଯ୍ୟକୁ ଆଇନ୍ ମନ୍ତ୍ରୀ ଉଚ୍ଚପ୍ରଶଂସା କରିଥିଲେ । ରାଜନୈତିକ ଦଳ ଏବଂ ବିଶେଷଜ୍ଞଙ୍କ ସହ ବ୍ୟାପକ ବିଚାର ଆଲୋଚନା ପରେ କମିଟି ତାର ରିପୋର୍ଟ ପ୍ରସ୍ତୁତ କରିଛି ବୋଲି ସେ କହିଥିଲେ । ତେବେ ବିଲ୍ ଦୁଇଟିକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ସମ୍ପର୍କିତ ପ୍ରସ୍ତାବ ସପକ୍ଷରେ ମଧ୍ୟ ସେ କହିଥିଲେ ।

ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, କେନ୍ଦ୍ର କ୍ୟାବିନେଟ୍‌ରେ  ଏହି ବିଲ୍ ସମ୍ପର୍କିତ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବାକୁ ପରାମର୍ଶ ଦେଇଥିଲେ ।

# ପିଏମ୍-ଜୟପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜୟପୁର ଠାରେ ୪୬ ହଜାର ୩୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ଅଟକଳରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ସେଥିମଧ୍ୟରୁ ବିଦ୍ୟୁତ୍, ସଡ଼କ,

ରେଳପଥ ଏବଂ ଜଳ ସମ୍ବନ୍ଧୀୟ ୨୪ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ । ରାଜସ୍ଥାନ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆୟୋଜିତ ସମାରୋହରେ ଯୋଗଦେଇଥିଲେ ।

ସମାରୋହକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପ ଗୁଡ଼ିକ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ରାଜସ୍ଥାନ ଏବଂ ମଧ୍ୟପ୍ରଦେଶର ବିକାଶ କ୍ଷେତ୍ରରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।  କେନ୍ଦ୍ର ସରକାର ପ୍ରତ୍ୟେକ ଆହ୍ୱାନର ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ହୋଇଥିବା ଜଳ ଆବଣ୍ଟନ ସମ୍ପର୍କିତ ଚୁକ୍ତିରୁ ଅନ୍ୟ ରାଜ୍ୟ ଗୁଡ଼ିକ ଶିକ୍ଷା ଲାଭ କରିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି, ଜଳ ସଂରକ୍ଷଣ ବର୍ତ୍ତମାନ ସମୟର ଆବଶ୍ୟକତା ଏବଂ ଦେଶର ପ୍ରତ୍ୟେକ ନାଗରିକ ଏଥିରେ ସହଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜସ୍ଥାନ ରାଜ୍ୟପାଳ ହରିଭାଉ ବାଗଡେ, ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନଲାଲ ଯାଦବ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ ।

ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା କେନ୍ଦ୍ର ସରକାରଙ୍କର ୭ଟି ପ୍ରକଳ୍ପ ଏବଂ ରାଜ୍ୟ ସରକାରଙ୍କ ଦୁଇଟି ପ୍ରପକଳ୍ପ ସମେତ ୧୧ ହଜାର କୋଟିରୁ ଅଧିକ

ମୂଲ୍ୟର ୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଏଥିସହ ୩୫ ହଜାର ୩୦୦ କୋଟିରୁ ଅଧିକ ବ୍ୟୟ ଅଟକଳରେ ୧୫ଟି ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ ମୁଖ୍ୟମନ୍ତ୍ରୀ କରିଛନ୍ତି ।

## ଶ୍ରୀଲଙ୍କା ରାଷ୍ଟ୍ରପତି

ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକ ଆଜି ବିହାରର ବୋଧଗୟା ସ୍ଥିତ ବିଶ୍ୱ ଐତିହ୍ୟ ମହାବୋଧି ମନ୍ଦିର ପରିଦର୍ଶନ କରିଛନ୍ତି । ମନ୍ଦିର ଗର୍ଭଗୃହରେ ସେ ପୂଜାର୍ଚ୍ଚନା କରିଥିଲେ । ଏହି ଗସ୍ତ ସମୟରେ ତାଙ୍କ ସହ ୧୪ ଜଣିଆ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ । ବୋଧିଗଛ ତଳେ ଚାଲିଥିବା ୧୦ ଦିନିଆ କାଗ୍ୟୁ ମୋନଲାମରେ ରାଷ୍ଟ୍ରପତି ଯୋଗ ଦେଇଥିଲେ । ଶ୍ରୀ ଦିସାନାୟକ ବୋଧଗୟା ଗସ୍ତ କରିଥିବାରୁ ଖୁସିବ୍ୟକ୍ତ କରିଥିଲେ । ଏହା ଏକ ଗଭୀର ଅର୍ଥପୂର୍ଣ୍ଣ ଅନୁଭୂତି ବୋଲି ସେ ବର୍ଣ୍ଣନା କରିଛନ୍ତି । ଏଥିସହ ଶ୍ରୀଲଙ୍କା ରାଷ୍ଟ୍ରପତି ଭଗବାନ ବୁଦ୍ଧଙ୍କ ଜୀବନୀ ସହ ଜଡ଼ିତ ୭ଟି ସ୍ଥାନକୁ ମଧ୍ୟ ପରିଦର୍ଶନ କରିଛନ୍ତି ।

## ବାଂଲାଦେଶ

ମଧ୍ୟବର୍ତ୍ତିକାଳୀନ ସରକାର ବ୍ୟବସ୍ଥାକୁ ବାଂଲାଦେଶର ସର୍ବୋଚ୍ଚ କୋର୍ଟ୍ କାଏମ ରଖିଛନ୍ତି । ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ବାଂଲାଦେଶର

ରିପୋର୍ଟ ଅନୁଯାୟୀ ସମ୍ବିଧାନର ପଞ୍ଚଦଶ ସଂଶୋଧନର କେତେକ ପ୍ରସ୍ତାବ ଏହାର ମୌଳିକତାଞ୍ଚାକୁ ବିରୋଧ କରୁନାହିଁ ବୋଲି କୋର୍ଟ୍ ଉଲ୍ଲେଖ କରିଛନ୍ତି । ବିଚାରପତି ଜଷ୍ଟିସ୍ ଫରାହା ମହବୁବ୍ ଏବଂ ଜଷ୍ଟିସ୍ ଦେବାଶିଷ ରାୟ ଚୌଧୁରୀଙ୍କ ଖଣ୍ଡପୀଠ ଏ ସମ୍ପର୍କିତ ମାମଲାର ଆଜି ଶୁଣାଣି କରି ସମ୍ବିଧାନର ପଞ୍ଚଦଶ ସଂଶୋଧନକୁ ରଦ୍ଦ କରିବା ସହିତ ମଧ୍ୟବର୍ତ୍ତୀକାଳିନ ସରକାର ବ୍ୟବସ୍ଥା ସପକ୍ଷରେ ରାୟ ପ୍ରଦାନ କରିଛନ୍ତି ।

ସୂଚନା ଯୋଗ୍ୟ ୨୦୧୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଆୱାମି ଲିଗ୍ ନେତୃତ୍ୱାଧୀନ ସରକାର ପଞ୍ଚଦଶ ସମ୍ବିଧାନ ସଂଶୋଧନ ସହିତ କାର୍ଯ୍ୟ ନିର୍ବାହୀ ସରକାର ଗୁଡ଼ିକୁ ରଦ୍ଦ କରିଥିଲେ । ଏହାକୁ ବିଭିନ୍ନ ରାଜନୈତିକ ମହଲ ଏବଂ ନାଗରୀକ ସମାଜ ଗୋଷ୍ଠୀ ପକ୍ଷରୁ ସମାଲୋଚନା କରାଯାଇଥିଲା । ଆଜି ରାୟ ପ୍ରକାଶ ପରେ ଡେଲି ଷ୍ଟାର୍ ଖବରକାଗଜ କହିଛି, ସର୍ବୋଚ୍ଚ କୋର୍ଟ୍ ତାଙ୍କ ରାୟରେ ଧର୍ମ ନିରପେକ୍ଷତା, ସମାଜବାଦ, ରାଜ୍ୟ ଅଞ୍ଚଳ, ଜାତୀୟତାବାଦ ଏବଂ ସଂସଦରେ ମହିଳାଙ୍କ ପାଇଁ ଆସନ ସଂରକ୍ଷିତ ସମ୍ପର୍କିତ ପଞ୍ଚଦଶ ସମ୍ବିଧାନ ସଂଶୋଧନରେ ହସ୍ତକ୍ଷେପ କରିନଥିଲେ ।

## ୟୁକ୍ରେନ୍-ରୁଷ

ମସ୍କୋରେ ଏକ ବୋମା ବିସ୍ଫୋରଣରେ ରୁଷର ପରମାଣୁ ସୁରକ୍ଷା ବାହିନୀ ଦାୟିତ୍ୱରେ ଥିବା ଜଣେ ଶୀର୍ଷ ଜେନେରାଲ୍ ଇଗୋର କିରିଲୋଭଙ୍କର ମୃତ୍ୟୁ ହୋଇଛି । ରୁଷିଆର ତଦନ୍ତ କମିଟି ଦେଇଥିବା ସୂଚନା ଅନୁଯାୟୀ ଏକ ବୈଦ୍ୟୁତିକ ସ୍କୁଟରରେ ଥିବା ବୋମା ବିସ୍ଫୋରଣ ଯୋଗୁଁ ଏହି ଜେନେରାଲ୍‌ଙ୍କ ସହ ଅନ୍ୟ ଜଣେ ସହଯୋଗୀଙ୍କର ମଧ୍ୟ ମୃତ୍ୟୁ ହୋଇଛି । ସରକାରୀ ନ୍ୟୁଜ୍ ଏଜେନ୍ସି କହିଛି, କ୍ରେମଲିନ୍ ଠାରୁ ପ୍ରାୟ ୭ କିଲୋମିଟର ଦକ୍ଷିଣ-ପୂର୍ବ ଦିଗରେ ଥିବା ଏକ ମୁଖ୍ୟ ରାସ୍ତା ଉପରେ ଏହି ବିସ୍ଫୋରଣ ଘଟିଥିଲା । ୨୦୧୭ ଏପ୍ରିଲ୍‌ରେ ସେ ରୁଷ ସେନାର ନେତୃତ୍ୱ ନେଇଥିଲେ । ଏହି ବିସ୍ଫୋରଣ ପାଇଁ ୟୁକ୍ରେନ୍‌ର ସୁରକ୍ଷା ସେବା ନିଜକୁ ଦାୟି କରିଛି ।

## ସାଇକ୍ଲୋନ୍

ଫ୍ରାନ୍ସର ମାୟୋଟେ ଠାରେ ସାମୁଦ୍ରିକ ଝଡ଼ ଚିଡୋ ପ୍ରଭାବରେ ମୃତ୍ୟୁ ସଂଖ୍ୟା ୨୨କୁ ବୃଦ୍ଧି ପାଇଛି । ୧୪୦୦ରୁ ଅଧିକ ଲୋକ ଆହତ ହୋଇଥିବା ଜଣାପଡ଼ିଛି । ଭାରତ ମହାସାଗରରେ ମାଡାଗାସ୍କର୍ ଏବଂ ମୋଜାମ୍ବିକ୍ ଉପକୂଳ ମଧ୍ୟରେ ଫ୍ରାନ୍ସର ଏକ ଅଞ୍ଚଳ ଭାବେ ଏହି ମାୟୋଟେ

ଦ୍ୱୀପ ଅବସ୍ଥିତ । ଏହି ଝଡ଼ର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସେଠାକାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଘଣ୍ଟା ପ୍ରତି ୨୦୦ କିଲୋମିଟର ବେଗରେ ପବନ ବହି ଥିଲା । ତେବେ କ୍ଷୟକ୍ଷତିର ଆକଳନ ପାଇଁ ଆହୁରି କିଛି ଦିନ ସମୟ ଲାଗିବ ବୋଲି ସେଠାକାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । କ୍ଷତିଗ୍ରସ୍ତଙ୍କୁ ଖାଦ୍ୟ ଏବଂ ପାଣି ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି ।

ମାୟୋଟେ ଦ୍ୱୀପରେ କ୍ଷୟକ୍ଷତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ମୃତାହତଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

## ଏଲ୍ଏସ୍-ଡିମାଣ୍ଡ ଅଫ୍ ଗ୍ରାଣ୍ଟସ୍

ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଆଜି ଲୋକସଭାରେ ଅନୁମୋଦିତ ହୋଇଛି । ମୋଟ୍ ୮୭ ହଜାର ୭୬୨ କୋଟିରୁ ଅଧିକ ଟଙ୍କାର ଅତିରିକ୍ତ ବ୍ୟୟବରାଦ  ଗୃହରେ ଆଲୋଚନା ପରେ ଗୃହିତ ହୋଇଛି ।

ଏ ସମ୍ପର୍କିତ ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଭାରତ ଏବେ ବିଶ୍ୱରେ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୈତିକ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି । ଗତ ୩ ବର୍ଷ ମଧ୍ୟରେ

ଦେଶର ହାରାହାରି ଅଭିବୃଦ୍ଧିହାର ୮ ଦଶମିକ୍ ୩ ପ୍ରତିଶତ ରହିଛି । ଆଗାମୀ ବର୍ଷ ଗୁଡ଼ିକରେ ଦେଶର ଅର୍ଥନୀତି ଅଧିକ ଉନ୍ନତ ରହିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଅର୍ଥନୀତିକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସରକାର ପୁଞ୍ଜିବ୍ୟୟ ବୃଦ୍ଧି କରିବା ସହିତ ଚଳିତ ବଜେଟ୍‌ରେ ୧୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ଆବଣ୍ଟନର ବ୍ୟବସ୍ଥା କରିଛନ୍ତି । ମୁଦ୍ରାସ୍ଫିତି ସମ୍ପର୍କିତ ବିତର୍କର ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ପୂର୍ବ ସରକାରଙ୍କ ତୁଳନାରେ ଏବେ ଖୁଚୁରା, ଖାଦ୍ୟ ଏବଂ ଇନ୍ଧନ କ୍ଷେତ୍ରରେ ମୁଦ୍ରାସ୍ଫିତି ଯଥେଷ୍ଟ ହ୍ରାସ ପାଇଛି । ଗତ ୧୦ ବର୍ଷ ମଧ୍ୟରେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୩୩ କୋଟିରେ ପହଞ୍ଚିଛି ବୋଲି ସେ ସୂଚନା ଦେଇଛନ୍ତି । ନିଯୁକ୍ତି କ୍ଷେତ୍ରରେ ମଧ୍ୟ ବେ-ରୋଜଗାରି ହାର ହ୍ରାସ ପାଇଛି ବୋଲି ଅର୍ଥମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

## କ୍ରିକେଟ୍

ବର୍ଡ଼ର ଗାଭାସ୍କର କ୍ରିକେଟ୍ ସିରିଜ୍‌ର ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ଫଲୋଅନ୍‌କୁ ଏଡ଼ାଇ ପାରିଛି । ବ୍ରିସ୍‌ବେନ୍‌ର ଗାବା ଠାରେ ଚାଲିଥିବା ଏହି ମ୍ୟାଚ୍‌ର ଆଜି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ତାର ପ୍ରଥମ ଇନିଂସରେ ୯ ଓ୍ୱିକେଟ୍ ବିନିମୟରେ ୨୫୨ରନ୍ ସଂଗ୍ରହ କରିଛି । ଏବେ ମଧ୍ୟ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ

୧୯୩ରନ୍ ପଛରେ ରହିଛି । ଆଜିର ଖେଳ ଭାରତ ଗତକାଲିର ଅସମାପ୍ତ ପ୍ରଥମ ଇନିଂସ ୪ ୱିକେଟ୍‌ରେ ୫୧ରନ୍‌ରୁ ଆରମ୍ଭ କରିଥିଲା । ଭାରତ ପକ୍ଷରୁ କେ.ଏଲ୍. ରହୁଲ ସର୍ବାଧିକ ୮୪ରନ୍ କରିଥିବା ବେଳେ ରବୀନ୍ଦ୍ର ଜାଡ଼େଜା ୭୭ରନ୍‌ର ଉପାଦେୟ ପାଳି ଖେଳିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ ୪ଟି ଏବଂ ମିଚେଲ୍ ଷ୍ଟାର୍କ୍ ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଯଶପ୍ରୀତ ବୁମ୍‌ରା ଏବଂ ଆକାଶଦୀପ କ୍ରିଜ୍‌ରେ ଅପରାଜିତ ଅଛନ୍ତି ।

ସୂଚନା ଯୋଗ୍ୟ ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସରେ ୪୪୫ରନ୍ ସଂଗ୍ରହ କରିଛି ।